## ସଂକ୍ଷେପରେ

### ପୂର୍ବ ଶତ୍ରୁତାରୁ ମହିଳାଙ୍କୁ ମରଣାତ୍ମକ ଆକ୍ରମଣ

ଗଞ୍ଜାମ,୭।୧୧(ଡି.ଏନ୍.ଏ.):ରମ୍ଭା ଥାନା ଅନ୍ତର୍ଗତ ସାନ ରାମଚନ୍ଦ୍ରପୁର ଗ୍ରାମର ଜେ.କାପିଆମ୍ମା ପାତ୍ରଙ୍କୁ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ୨ସେହି ଗ୍ରାମର କେତେଜଣ ବ୍ୟକ୍ତି ସଂଘବଦ୍ଧ ଭାବେ ଆକ୍ରମଣ କରିଥିବା ସୋମବାର ରମ୍ଭା ଥାନାରେ ଅଭିଯୋଗ ହୋଇଛି। ମା' ପୁଅ ଆସୁଥିବା ବେଳେ ସେମାନଙ୍କୁ ହଠାତ୍ ଆକ୍ରମଣ କରାଯାଇଥିବା ଜେ. କାପିଆମ୍ମା ଏତଲାରେ ଉଲ୍ଲେଖ କରିଛନ୍ତି। ଏ ସମ୍ପର୍କରେ ରମ୍ଭା ଥାନା ଅଧିକାରୀ ପି. ସ୍ୱରୂପ କିଶନଙ୍କୁ ପଚାରିବାରେ ଅଭିଯୋଗ ହୋଇଛି, ତଦନ୍ତ ପରେ ପଦକ୍ଷେପ ନିଆଯିବ। ଅନ୍ୟପଟେ ଆହତ ଜେ. କାପିଆମ୍ମାଙ୍କୁ ତାଙ୍କ ପରିବାର ଲୋକେ ପ୍ରଥମେ ଛତ୍ରପୁର ମେଡିକାଲରେ ଭର୍ତ୍ତି କରିଥିଲେ। ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନନ୍ତର କରାଯାଇଛି। ଅଭିଯୁକ୍ତଙ୍କ ବିରୋଧରେ ଜେ. କାପିଆମ୍ମାଙ୍କ ପରିବାର ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି।

### ବାଇକ୍ ଦୁର୍ଘଟଣାରେ ଗୁରୁତର ଯୁବକଙ୍କ ମୃତ୍ୟୁ

ବୁଗୁଡ଼ା,୭।୧୧(ଡି.ଏନ୍.ଏ.):ବୁଗୁଡ଼ା ଥାନା ଅନ୍ତର୍ଗତ ବରଡ଼ିପଲ୍ଲୀ ଗାଁ ନିକଟସ୍ଥ କରାପଡିଆ ଛକଠାରେ ରବିବାର ରାତିରେ ବାଇକ ଦୁର୍ଘଟଣାରେ ଗୁରୁତର ଥିବା ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବୁଗୁଡ଼ା ଥାନା ଅନ୍ତର୍ଗତ ବାରିକପଲ୍ଲୀ ଗ୍ରାମର ଅରୁଣ କୁମାର ବିଷୋୟୀ(୩୫)। ରବିବାର ରାତିରେ ଅରୁଣ ଓ ତାଙ୍କର ସମ୍ପର୍କୀୟ ଭାଇ କାହ୍ନୁ ଚରଣ ବିଷୋୟୀ (୨୬)ଙ୍କ ସହ ଏକ ବାଇକରେ ଶଶୁରଘର ବିରଞ୍ଚିପୁରକୁ ଯାଉଥିଲେ। କରାପଡ଼ିଆ ଛକଠାରେ ସାମ୍ନାରେ ଯାଉଥିବା ଏକ ଟ୍ରାକ୍ଟର ସହ କାଳେ ବାଇକଟି ଧକ୍କା ହୋଇଯିବ ଭାବି ବ୍ରେକ୍ ଦେଇଥିଲେ। ଫଳରେ ଉଭୟେ ରାସ୍ତାରେ କଚାଡି ହୋଇପଡ଼ିଥିଲେ। ଫଳରେ ଉଭୟେ ଗୁରୁତର ହୋଇଥିଲେ। ସେଠାରୁ ଉଭୟଙ୍କୁ ଉଦ୍ଧାର କରାଯାଇ ବୁଗୁଡ଼ା ମେଡିକାଲକୁ ଅଣାଯାଇଥିଲା। ପରେ ଅରୁଣଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକ (ଓଡି-୦୭ୱାଇ-୨୪୦୨)କୁ ଜବତ କରିବା ସହ ଘଟଣାର ତଦନ୍ତ କରୁଛି।

### ଜାତୀୟ ରାଜପଥରେ ଲୁଟ

ଡୁମୁଡିବନ୍ଧ,୭।୧୧(ଡି.ଏନ.ଏ.):ଡୁମୁଡିବନ୍ଧରେ ସୋମବାର ଜାତୀୟ ରାଜପଥରେ ଲୁଟ ହୋଇଛି। ଡୁମୁଡିବନ୍ଧ ଜଲେଶପଙ୍ଗା ସ୍ଥିତ ମା ବରାଳ ଦେବୀ ପେଟ୍ରୋଲ ଟାଙ୍କି ମ୍ୟାନେଜର ସାଢ଼େ ଚାରି ଲକ୍ଷ ଟଙ୍କା ଧରି ବାଇକ୍‌ରେ ଡୁମୁଡିବନ୍ଧ ବ୍ୟାଙ୍କକୁ ଜମା କରିବା ପାଇଁ ଆସୁଥିଲେ। ସେହି ସମୟରେ ୫୯ ନଂ ଜାତୀୟ ରାଜପଥର ନେତାଜୀ ସୁବାସ ବୋଷ କଲେଜ ପାଖରେ ପିଛା କରୁଥିବା ଦୁର୍ବୃତ୍ତମାନେ ତାଙ୍କୁ ପଛପଟୁ ଚଳନ୍ତା ଅବସ୍ଥାରେ ଗୋଡ଼ରେ ଲାଥ ମାରିତଲେ ପକାଇଥିଲେ। ଏହା ପରେ ଉଭୟେ ଧସ୍ତାଧସ୍ତି ହେବା ସମୟରେ ଦୁର୍ବୃତ୍ତମାନେ ମାଉଜର ଦେଖାଇ ଟଙ୍କା ଛଡାଇ ନେଇ ବାଲିଗୁଡା ଅଭିମୁଖେ ପଳାଇଥିଲେ। ଏ ନେଇ ମ୍ୟାନେଜର ଡୁମୁଡିବନ୍ଧ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତୁରନ୍ତ ପହଞ୍ଚି ଘଟଣାର ଛାନଭିନ ଆରମ୍ଭ କରିବା ସହ ଦୁର୍ବୃତ୍ତଙ୍କୁ ଖୋଜିବା ଆରମ୍ଭ କରିଥିଲା। ହେଲେ ଦୁର୍ବୃତ୍ତ ମାନଙ୍କ ଟେର ପାଇନଥିଲା।

### ଭାଗବତ ଆଶ୍ରମ ପାଇଁ ଶିଳାନ୍ୟାସ ଉତ୍ସବ

ଦିଗପହଣ୍ଡି,୭।୧୧(ଡି.ଏନ.ଏ.)- ଦିଗପହଣ୍ଡି ବ୍ଲକ କରପଡ଼ା ପଞ୍ଚାୟତ ଦେଓଖାଲି ଗ୍ରାମରେ ସୋମବାର ଭାଗବତ ଆଶ୍ରମ ପାଇଁ ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ବିଜୟ ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ତ୍ରିଦଣ୍ଡି ସ୍ୱାମୀ ଭକ୍ତି ବିଚାର ଶ୍ରୀ ବିଷ୍ଣୁ ମହାରାଜ ଯୋଗ ଦେଇଥିଲେ। ତାଙ୍କୁ ଗ୍ରାମବାସୀଙ୍କ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେ ଏହି ଆଶ୍ରମ ପାଇଁ ଶିଳାନ୍ୟାସ କରିଥିଲେ। ପ୍ରାଥମିକ ପର୍ଯ୍ୟାୟରେ ପଞ୍ଚାୟତ ପାଣ୍ଠି ଏବଂ ବିଧାୟକଙ୍କ ହାତ ପାଣ୍ଠି ବିନିଯୋଗରେ ଏହି ଆଶ୍ରମ ନିର୍ମାଣ କରାଯିବ। ଏହି କାର୍ଯ୍ୟକ୍ରମରେ କରପଡ଼ା ପଞ୍ଚାୟତ ସରପଞ୍ଚ ଫନିନ୍ଦ୍ର ଗୋସ୍ୱାମୀ, ପୂର୍ବତନ ସରପଞ୍ଚ ବାଲ୍ମୀକି ପ୍ରଧାନ, ନରସିଂହ ବେହେରା, ଗୌରାଙ୍ଗ ପ୍ରଧାନ, ଉଦ୍ଧବ ବେହେରା, ନରସିଂହ ପ୍ରଧାନ ପ୍ରମୁଖ ବହୁ ସଂଖ୍ୟକ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଧାନ ଅମଳ ପୂର୍ବରୁ ରୋଗପୋକ ଆତଙ୍କ


ରୋଗପୋକ ଲାଗି ନଷ୍ଟ ହୋଇଥିବା ଧାନବିଲ।

ପାରଳାଖେମୁଣ୍ଡି,୭।୧୧(ଡି.ଏନ୍.ଏ.)

ଗଜପତି ଜିଲା ଗୋଷାଣୀ ବ୍ଲକ ଅନ୍ତର୍ଗତ ଉପଲଡ଼ା ଅଞ୍ଚଳର ଏକର ଏକର ଜମିରେ ଦେଖାଦେଇଛି ଭିନ୍ନ ଏକ ପ୍ରଜାତିର ପୋକ ବ୍ଲାଷ୍ଟ। ଧାନ ଗଛକୁ ପାଳକୁଟାରେ ପରିଣତ କରୁଛି ଏହି ପୋକ। ଚଳିତ ଖରିଫ ଋତୁର ଧାନଚାଷରେ ଦେଖାଦେଇଛି ସଙ୍କଟ। ସବୁଜ ଧାନ କ୍ଷେତର ମୂଳରେ ବ୍ଲାଷ୍ଟ ପ୍ରଜାତିର କୀଟ ଲାଗିଛି । ଧାନଗଛର ଗର୍ଭ ଧାରଣ ସମୟରେ ମୂଳ ଖାଇଯାଉଛି । ପାଳକୁଟାରେ ପରିଣତ ହେବାକୁ ଯାଉଛି ଜମିର ସବୁଜ ଧାନକେଣ୍ଡା। ବାରମ୍ବାର କୀଟନାଶକ ପ୍ରୟୋଗ ପରେ ବି ଦୂର ହେଉନି ସମସ୍ୟା। ଧାନ କ୍ଷୀର ଢୋକିବା ସମୟରେ ପୋକ ଆକ୍ରାନ୍ତ କରିଥିବାରୁ ଅମଳ କମିବା ଆଶଙ୍କା ଦେଖାଦେଇଛି। ଏହାକୁ ନେଇ ଉଦ୍‌ବେଗ ପ୍ରକାଶ କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ଚାଷୀ ଏମ୍. ସାରଥି, ବି. ଗୁରୁପ୍ରସାଦ ପ୍ରମୁଖ। ଚଳିତ ବର୍ଷ ଜିଲାର ବିଭିନ୍ନ ସ୍ଥାନରେ ୨୫,୯୦୦ ହେକ୍ଟର ଜମିରେ ଧାନଚାଷ ହୋଇଛି। ଅନୁକୂଳ ବାତାବରଣ ଯୋଗୁ ଭଲ ଅମଳ ହେବା ନେଇ ଆଶା କରାଯାଉଥିଲା। କିନ୍ତୁ ବିଭିନ୍ନ ଅଞ୍ଚଳର ଏକର ଏକର ଜମିରେ ପୋକ ଲାଗି ଧାନ ଗଛ ନଷ୍ଟହେବାରେ ଲାଗିଛି। ଖବରପାଇ କୃଷି କର୍ମଚାରୀ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ପୋକ ଦାଉରୁ ରକ୍ଷା ପାଇବା ପାଇଁ ଚାଷୀଙ୍କୁ ପରାମର୍ଶ ଦେଇଛନ୍ତି। ତେବେ ଯେଉଁ ସବୁ ଅଞ୍ଚଳରେ ଧାନ ପାଚିବା ପୂର୍ବରୁ ପୋକର ଆକ୍ରାନ୍ତ ହୋଇଛି ସେହି ଅଞ୍ଚଳରେ ଅମଳ ପ୍ରଭାବିତ ହେବା ଆଶଙ୍କା ସୃଷ୍ଟି ହୋଇଛି। ତେବେ ପ୍ରଭାବିତ ଚାଷୀଙ୍କୁ କ୍ଷତି ପୂରଣ ବାବଦରେ କୃଷି ବୀମା କିମ୍ବା ଅନ୍ୟ କୌଣସି ତ୍ୱରିତ ସହାୟତାର ବ୍ୟବସ୍ଥା ନ ଥିବା ବେଳେ ରବିଚାଷ ସମୟରେ ପ୍ରଭାବିତ ଚାଷୀଙ୍କୁ ମାଗଣା ବିହନ ସହ ସାର ଓ କୀଟନାଶକ ଯୋଗାଇବା ବ୍ୟବସ୍ଥା କରାଯିବ ବୋଲି ଜିଲା କୃଷି ଅଧିକାରୀ କୈଳାସ ଚନ୍ଦ୍ର କହିଛନ୍ତି ।

# ଜିଡୁବାଡ଼ି ଡାକ୍ତରଖାନାରେ ତାଲା



ଜିଡୁବାଡି ଡାକ୍ତରଖାନା।

କ.ନୂଆଗା,୭।୧୧(ଡି.ଏନ୍.ଏ.)

ସରକାର ଗ୍ରାମାଞ୍ଚଳରେ ଲୋକମାନଙ୍କୁ ହାତ ପାଆନ୍ତାରେ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଲାଗି ଗ୍ରାମାଞ୍ଚଳରେ ଡାକ୍ତରଖାନା ଖୋଲିଛନ୍ତି। ଆଉ ଡାକ୍ତର ମଧ୍ୟ ନିଯୁକ୍ତି ଦେଉଛନ୍ତି। ଡାକ୍ତର ରହିବା ଲାଗି କ୍ୱାର୍ଟର୍ସ ବ୍ୟବସ୍ଥା ମଧ୍ୟ ରହିଛି। ହେଲେ ସେଠାରେ ରହୁ ନାହାନ୍ତି ଡାକ୍ତର। ସହରରେ ରହି ଡାକ୍ତର ନିଜ ଇଚ୍ଛା ଅନୁସାରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସନ୍ତି। ଫଳରେ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା ପଡୁଛି। ଏହା ଦେଖିବାକୁ ମିଳିଛି କନ୍ଧମାଳ ଜିଲା କ.ନୂଆଗାଁ ବ୍ଲକ ଜିଡୁବାଡ଼ି ସ୍ୱାସ୍ଥ୍ୟକେନ୍ଦ୍ରରେ। ଗତ ରବିବାର ଜିଡୁବାଡ଼ି ଅଞ୍ଚଳର ରୂପଜିନୀ ପ୍ରଧାନ ତାଙ୍କ ୫ ବର୍ଷର ଝିଅକୁ ଜ୍ୱର ହେବାରୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ। ଘଣ୍ଟା ଘଣ୍ଟା ଅପେକ୍ଷା କରିଥିଲେ ମଧ୍ୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ଡାକ୍ତର ଆସି ନ ଥିଲେ। ସେହି ଗ୍ରାମର ସଞ୍ଜୟ ପ୍ରଧାନ ମଧ୍ୟ ସ୍ୱାସ୍ଥ୍ୟ ଖରାପ ହେବାରୁ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସିଥିଲେ ସେ ମଧ୍ୟ ଅପେକ୍ଷା କରି ଫେରିଗଲେ। ଏହିଭଳି ଅନେକ ରୋଗୀ ଫେରିଯିବା ନିଜରକୁ ଆସିଛି। ଏ ନେଇ କ.ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମେଡିକାଲ ଅଫିସର ଡ. ମିଟୁ ପୋଲାଇଙ୍କୁ ପଚାରିବାରୁ ଡା. ଜେ.ରାଜେଶ କୁମାରଙ୍କୁ ସେଠାରେ ଯାଇ ରହିବାକୁ କହିଲେ ମଧ୍ୟ ସେ ନ ଯାଇ ନୂଆଗାଁରେ ରହୁଛନ୍ତି। ଏ ନେଇ ସେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବେ ବୋଲି ସେ କହିଛନ୍ତି।

# ଠକେଇର ଶିକାର ଅବସରପ୍ରାପ୍ତ ପ୍ରଫେସର

## ଟଙ୍କା ଦେଇ ମିଳିଲାନି ଗାଡ଼ି

ଭଞ୍ଜନଗର,୭।୧୧(ଡି.ଏନ.ଏ)

ଭଞ୍ଜନଗର ବାସିନ୍ଦା ତଥା ଆମେରିକାରୁ ସ୍ୱେଚ୍ଛାକୃତ ଅବସର ନେଇ ଫେରିଥିବା ଅର୍ଥନୀତି ପ୍ରଫେସର ଶଙ୍କର୍ଷଣ ଆଚାର୍ଯ୍ୟ ଏକ ଦାମୀ ଗାଡ଼ି କିଣିବା ପାଇଁ ଏକ କଟକରେ ଏକ ନିର୍ଦ୍ଦିଷ୍ଟ କମ୍ପାନୀର ଡିଲରଙ୍କୁ ୮୧ଲକ୍ଷ ୫୦ ହଜାର ଟଙ୍କା ଦେଇ ଠକେଇର ଶିକାର ହୋଇଥିବା ସୋମବାର ଅଭିଯୋଗ କରିଛନ୍ତି । ସେ ଯେଉଁ ମଡେଲର ଗାଡି କିଣିବା ପାଇଁ ଚୁକ୍ତି କରିଥିଲେ ରେଜିଷ୍ଟ୍ରେସନ ପାଇଁ ତାହା ନ ଦେଇ ଡିଲର ଅନ୍ୟ ଏକ ମଡେଲର କାଗଜପତ୍ର ଦେଇଥିଲେ। ଏ ନେଇ ପଚାରିବାରୁ ଡିଲରଙ୍କଠାରୁ ସନ୍ତୋଷଜନକ ଉତ୍ତର ନ ପାଇ ଆଚାର୍ଯ୍ୟ ଗାଡ଼ି କମ୍ପାନୀର ଉଚ୍ଚ ଅଧିକାରୀମାନଙ୍କୁ ଚିଠି ଲେଖିଥିଲେ। ଇତିମଧ୍ୟରେ ଏକ ମାସ ବିତିବାକୁ ବସିଥିଲେ ଗାଡ଼ି ମିଳିନାହିଁ କି ଟଙ୍କା ଫେରସ୍ତ କରାଯାଉନାହିଁ । ଆଚାର୍ଯ୍ୟ ଏ ନେଇ ଗତ ୧ତାରିଖରେ ଭଞ୍ଜନଗର ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇନି। ତେଣୁ ସେ ଡିଜି ଏବଂ ଏସ୍‌ପିଙ୍କ ପାଖକୁ ମଧ୍ୟ ଅଭିଯୋଗପତ୍ର ପଠାଇଛନ୍ତି। କମ୍ପାନୀ ତୁରନ୍ତ ଟଙ୍କା ଫେରାଇବା ପାଇଁ ସେ ଦାବି କରିଛନ୍ତି। ଏ ନେଇ ଭଞ୍ଜନଗର ଥାନା ଅଧିକାରୀ ଧିରେଶ ଦାସଙ୍କୁ ପଚାରିବାରେ ଅଭିଯୋଗ ପାଇ ଗାଡ଼ି କମ୍ପାନୀକୁ ଚିଠି ଲେଖା ଯାଇଥିବା କହିଛନ୍ତି।

# ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ଦାବିପତ୍ର

ଖଲ୍ଲିକୋଟ,୭।୧୧(ଡି.ଏନ୍.ଏ.)

ଓଡ଼ିଶା ଡ୍ରାଇଭର ସଂଘ ଖଲ୍ଲିକୋଟ ଶାଖା ତରଫରୁ ରବିବାର ଖଲିକୋଟ ଥାନାଧିକାରୀଙ୍କୁ ୯ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ରାଜ୍ୟ ସରକାରଙ୍କ ଡ୍ରାଇଭର ସଂଘ ଦାବି ପ୍ରତି ଅବହେଳା ପ୍ରଦର୍ଶନ ପ୍ରତିବାଦରେ ୩୦ ଜିଲାର ସମସ୍ତ ଡ୍ରାଇଭର ଦାବି ପୂରଣ ପାଇଁ ଦଣ୍ଡବତ ଯାତ୍ରା କରିବେ ଏବଂ ରାଜ୍ୟର ସମସ୍ତ ଅଞ୍ଚଳରେ ଅସହଯୋଗ କରିବେ ବୋଲି ଜଣାପଡ଼ିଛି। ଖଲ୍ଲିକୋଟ ବ୍ଲକ ଡ୍ରାଇଭର ସଂଘ କର୍ମକର୍ତ୍ତା ମୁନା ପାତ୍ର, ଅଜୟ ପଣ୍ଡା, ଜଗା ଜେନା, ଗୋକୁଳ ଜାଲି, ଦିବାକର ଗୌଡ଼, କୁନା ସାହୁ, ତ୍ରିନାଥ ଦୋରା, ରମେଶ ପରିଡ଼ା, ମହେଶ୍ୱର ଜାଲି, ପୂର୍ଣ୍ଣ ବେହେରା ପ୍ରମୁଖ ଥାନାକୁ ଯାଇ ଦାବିପତ୍ର ପ୍ରଦାନ କରିଥିଲେ।

# ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼


ବାଚସ୍ପତି କୁଲାଡ଼ ନାମଯଜ୍ଞ ରେ ଯୋଗ ଦେଇଛନ୍ତି।

ଭଞ୍ଜନଗର,୭।୧୧(ଡି.ଏନ.ଏ)

କାର୍ତ୍ତିକ ଶେଷ ସୋମବାର ଅବସରରେ ଭଞ୍ଜନଗର ଅଞ୍ଚଳର ବିଭିନ୍ନ ଶୈବ ପୀଠରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ହୋଇଥିଲା। ବାଚସ୍ପତି ବିକ୍ରମ କେଶରୀ ଆରୁଖ କୁଲାଡ଼ରେ ଚାଲିଥିବା ନାମଯଜ୍ଞରେ ଯୋଗ ଦେବା ସହ ବିଭିନ୍ନ ଶୈବ ପୀଠ ପରିଦର୍ଶନ କରିଥିଲେ। କୁଲାଡ଼ ମା' ବ୍ୟାଘ୍ର ଦେବୀଙ୍କୁ ଦର୍ଶନ କରି ଭଞ୍ଜନଗର ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କ ମଙ୍ଗଳ କାମନା କରି ମା ବ୍ୟାଘ୍ର ଦେବୀଙ୍କ ପାଖରେ ଆଶିର୍ବାଦ ଭିକ୍ଷା କରିଛନ୍ତି। ସେହିଭଳି ଭଞ୍ଜନଗର ବେଲେଶ୍ୱର ପୀଠରେ ମଧ୍ୟ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା।

# ଜିଲାସ୍ତରୀୟ ଶିଶୁ ମହୋତ୍ସବ 'ମହକ' ଅନୁଷ୍ଠିତ

ଫୁଲବାଣୀ ଅଫିସ, ୭।୧୧


ଅତିଥିଙ୍କ ଗହଣରେ କୃତି ପ୍ରତିଯୋଗୀ।

ଜିଲା ସ୍ତରୀୟ ଶିଶୁ ମହସୋବ ମହକ୍ ସ୍ଥାନୀୟ ସରକାରୀ ଶିକ୍ଷକ ପ୍ରଶିକ୍ଷଣ ମହାବିଦ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲାରେ ଥିବା ୧୩ ଟି ଶିଶୁ ଯତ୍ନ ଅନୁଷ୍ଠାନର ଶତାଧିକ ଅନ୍ତେବାସୀ ଭାଗ ନେଇଥିଲେ । ସେମାନଙ୍କ ମଧ୍ୟରେ ଏକକ ସଙ୍ଗୀତ, ଚିତ୍ରାଙ୍କନ, କୁଇଜ୍, ବକ୍ତୃତା ଏବଂ ଦଳଗତ ନୃତ୍ୟ ପ୍ରତିଯୋଗୀତା ହୋଇଥିଲା । ମୁଖ୍ୟଅତିଥି ଭାବେ ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ଅଶୋକ କୁମାର ବେହେରା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଏସ୍.ଗାୟତ୍ରୀ, ସରକାରୀ ପ୍ରଶିକ୍ଷଣ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼.ସୁଦାମ ଚରଣ ମଲିକ , ଶିଶୁ ମଙ୍ଗଳ କମିଟିର ସଦସ୍ୟା କଳ୍ପନା ମହାଁ ଏବଂ ଜର୍ଯ୍ଯ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ଜିଲାସ୍ତରୀୟ ପ୍ରତିଯୋଗିତାରେ ଯେଉଁମାନେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି ସେମାନେ ଆଗାମି ଦିନରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗନେବେ ବୋଲି ଜିଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରନ୍ ପ୍ରକାଶ କରିଛନ୍ତି । ଅଶୋକ ମହାନ୍ତି କାର୍ଯ୍ୟକ୍ରମ ସଂଯେଜାନା କରିଥିବା ବେଳେ ସୁନିଲ୍ କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ। ଜିଲା ଶିଶୁ ସୁରକ୍ଷା ବିଭାଗର ସରୋଜ କୁମାର କହଁର, ଚିନ୍ମୟ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# କଲଭର୍ଟ ତିଆରି ନାଁରେ ଖୋଳି ଛାଡ଼ି ଦିଆଯାଇଛି, ଯାତାୟାତ ଠପ୍

ପାରଳାଖେମୁଣ୍ଡି,୭।୧୧(ଡି.ଏନ୍.ଏ.)


ରାସ୍ତା ଖୋଳାଯାଇଛି।

ଗୋଷାଣୀ ବ୍ଲକ ଅନ୍ତର୍ଗତ ଗାରବନ୍ଧ ଗ୍ରାମର ମୁଖ୍ୟ ରାସ୍ତାରୁ ସୋବରା–ଲିଙ୍ଗିପୁର ରାସ୍ତାର ଏକ ଡ୍ରେନ୍ ଉପରେ କଲଭର୍ଟ ନିର୍ମାଣ ପାଇଁ ଖୋଳି ଛାଡ଼ି ଦିଆଯାଇଥିବାରୁ ଏହି ରାସ୍ତାରେ ଯାତାୟାତ ଠପ୍ ହୋଇଯାଇଛି। ଅଞ୍ଚଳବାସୀଙ୍କ କହିବା ପ୍ରକାରେ ସୋବରା–ଲିଙ୍ଗିପୁର–କଇଁପୁର ମୁଖ୍ୟରାସ୍ତାର ପୁରୁଣା କଲଭର୍ଟକୁ ଭଙ୍ଗାଯାଇ ଖନନ କରିଦିଆଯାଇଥିଲା। ଏହାପରେ ନୂତନ କଲଭର୍ଟ ନିର୍ମାଣ ପାଇଁ ବିଭିନ୍ନ ସାମଗ୍ରୀ ତଥା ବାଲି, ଗୋଡ଼ି ପକାଯାଇଛି। ହେଲେ କାମ ଆରମ୍ଭ ହେଉ ନ ଥିବାରୁ ଏହି ରାସ୍ତାରେ ପ୍ରାୟତଃ ଯାତାୟାତ ଏକ ପ୍ରକାର ବନ୍ଦ ହୋଇପଡିଛି। ପୁରୁଣା କଲଭର୍ଟକୁ ଖନନ ତଥା ଭାଙ୍ଗିଦେବା ପରେ ଉଭୟ ଯଥା ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ଦେଖା ମିଳୁ ନ ଥିବାର ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଗାରବନ୍ଧରୁ ସୋବରା, ଲିଙ୍ଗିପୁର, ତାଲସିଂ, ହରିଶ୍ଚନ୍ଦ୍ରପୁର, ରାମଚନ୍ଦ୍ରପୁର ସମେତ ରାୟଗଡ଼ ବ୍ଲକର ଗଣ୍ଡାହାତୀ, କଇଁପୁର ଆଦି ସମେତ ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ଗ୍ରାମଗୁଡ଼ିକୁ ଯିବାକୁ ହେଲେ ଏହାହିଁ ଏକ ମୁଖ୍ୟ ରାସ୍ତା । ଗାରବନ୍ଧ ଗ୍ରାମଠାରୁ ଅନ୍ୟ କୌଣସି ବିକଳ୍ପ ରାସ୍ତା ନ ଥିବାରୁ ଯାନବାହନ ଗାରବନ୍ଧ ଗ୍ରାମର ବିଭିନ୍ନ ସାହିବସ୍ତି ଦେଇ ଯାତାୟାତ କରୁଛନ୍ତି । ଏହି ସାହି ବସ୍ତି ରାସ୍ତାଗୁଡ଼ିକ ସଂକୀର୍ଣ୍ଣ ହୋଇଥିବାରୁ ଦୁଇଚକିଆ ଓ ତିନିଚକିଆ ଯାନ ହିଁ ଯାତାୟାତ କରୁଛି। ଏହି ସଂକୀର୍ଣ୍ଣ ରାସ୍ତାରେ କାର୍, ବୋଲେର ଆଦି ଯିବାକୁ ହେଲେ ନାକେଦମ ହେବାକୁ ପଡୁଛି। ଏପରିସ୍ଥଳେ ଭାରିଯାନ ତଥା ଟ୍ରକ୍ କିମ୍ବା ବସ୍ ଯିବାର ପ୍ରଶ୍ନ ଉଠୁନାହିଁ। ସାହିବସ୍ତି ଦେଇ ଯାତାୟାତ କରୁଥିବା ବିଭିନ୍ନ ଯାନବାହନ ଯୋଗୁ ଗାରବନ୍ଧର ବିଭିନ୍ନ ସାହିରେ ଟ୍ରାଫିକ ସମସ୍ୟା ଉପୁଜୁଛି। ତେଣୁ ପ୍ରଶାସନ ଉକ୍ତ ସମସ୍ୟାର ସମାଧାନ କରିବା ଦିଗରେ ହସ୍ତକ୍ଷେପ କରିବା ଜରୁରୀ ବୋଲି ସାଧାରଣରେ ଦାବି ହୋଇଛି।

# ଏମ୍‌କେସିଜି ସ୍ୱତନ୍ତ୍ର ବିଦ୍ୟାଳୟରେ ଡେଙ୍ଗୁ ସଚେତନତା

ଆର.ଉଦୟଗିରି,୭।୧୧(ଡି.ଏନ.ଏ.)

ମୋହନାସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଦୃଷ୍ଟିହୀନ, ବଧିର, ମାନସିକ ଅନଗ୍ରସର, ମସ୍ତିଷ୍କ ପକ୍ଷାଘାତ ସ୍ୱତନ୍ତ୍ର ବିଦ୍ୟାଳୟରେ ଡେଙ୍ଗୁ ସଚେତନତା ସହ ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ଡାକ୍ତର ଗୋପାଳକୃଷ୍ଣ ସାହୁଙ୍କ ସହିତ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରର ଏକ ଟିମ ଆସି ଡେଙ୍ଗୁ ରୋଗ ନହେବା ପାଇଁ ସତର୍କତା ଅବଲମ୍ବନ କରିବାକୁ ବିଦ୍ୟାଳୟର କର୍ମଚାରୀ ଓ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ଚତୁପାର୍ଶ୍ୱପରିଷ୍କାର ପରିଚ୍ଛନ୍ନ ରଖିବା ଓ ମଶାରୀ ବ୍ୟବହାର କରିବା ପାଇଁ ସମସ୍ତଙ୍କୁ ବୁଝାଇଥିଲେ। ଏଥିସହ ପିଲାମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଆବଶ୍ୟକ ଔଷଧ ବିତରଣ କରିଥିଲେ। ଆଗକୁ ଶୀତଦିନ ଆସୁଥିବାରୁ ସ୍ୱାସ୍ଥ୍ୟର ଯତ୍ନ ସମ୍ପର୍କିତ ଅନେକ ଟିପ୍ପଣୀ ପ୍ରଦାନ କରିଥିଲେ। ବିଦ୍ୟାଳୟର ସମସ୍ତ କର୍ମଚାରୀ ସେମାନଙ୍କୁ ସହଯୋଗ କରିଥିଲେ।

# ମା' ମହୁରୀକାଳୁଆଙ୍କ ଯାତ୍ରା ଉଦ୍‌ଯାପିତ


ଘଟ ପରିକ୍ରମା ଓ ସାଂସ୍କୃତିକ କାର୍ଯ୍ୟକ୍ରମ।

ହିଞ୍ଜିଳିକାଟୁ,୭।୧୧(ଡି.ଏନ.ଏ)

ହିଞ୍ଜିଳିକାଟୁ ପୌରପରିଷଦ ଅନ୍ତର୍ଗତ ଆଙ୍କୋରଡା ଗ୍ରାମରେ ଅନୁଷ୍ଠିତ ୮ ଦିନ ବ୍ୟାପୀ ମା' ମହୁରୀକାଳୁଆ ଯାତ୍ରା ସୋମବାର ଉଦ୍‌ଯାପିତ ହୋଇଯାଇଛି। ରବିବାର ସାଂସ୍କୃତିକ କାର୍ଯ୍ୟକ୍ରମରେ ରାମାୟଣ, ମହାଭାରତ, ଭାରତଲୀଳା ନାଟକ ମଞ୍ଚସ୍ଥ ହୋଇଥିଲା। ସୋମବାର ମହୁରୀକାଳୁଆଙ୍କ ଘଟ ଗ୍ରାମ ପରିକ୍ରମା ଓ ଅବିର ଖେଳରେ ଘଟଙ୍କୁ ମେଲାଣି ଦିଆଯାଇଥିଲା । ଯାତ୍ରାପରିଚାଳନା ସଭାପତି ନିଳମଣି ପଟ୍ଟନାୟକ, ପୌର ଅଧ୍ୟକ୍ଷ ସୁବାସ ଚନ୍ଦ୍ର ପଲେଇ, କାଉନସିଲର ଶ୍ୟାମଘନ ବେହେରା, ପୂର୍ବତନ କାଉନସିଲର ଯୁଧିଷ୍ଠିର ସ୍ୱାଇଁ, ସନାତନ ନାହାକ, ପିଙ୍କୁ ନାହାକ, ରବୀନ୍ଦ୍ର ପଣ୍ଡା, କାହ୍ନୁଚରଣ ସେଠୀ, ଜଟି ମହାରଣା, ସଞ୍ଜୟ କୁମାର ସ୍ୱାଇଁ, ସହଦେ ସ୍ୱାଇଁ, ଯୋଗେନ୍ଦ୍ର ଖାଡଗାଂ, ପ୍ରତାପ ନାହାକଙ୍କ ସମେତ ଯାତ୍ରା କମିଟି ଗ୍ରାମ କମିଟି ସଦସ୍ୟ ଓ ଯୁବକ ଗୋଷ୍ଠୀ ପରିଚାଳନାରେ ସହଯୋଗ କରିଥିଲେ। ଶାନ୍ତି ଶୃଙ୍ଖଳା ଓ ଭିଡ ନିୟନ୍ତ୍ରଣ କରିବା ପାଇଁ ପୋଲିସ ଫୋର୍ସ ମୁତୟନ ହୋଇଥିଲେ।

# ମାଣ୍ଡିଆ ଦିବସ ସଚେତନତା ରଥ ଉଦ୍‌ଘାଟିତ

ଦାରିଙ୍ଗବାଡ଼ି,୭।୧୧(ଡି.ଏନ.ଏ)



ବ୍ଲକ ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ ଏବଂ ବିଡିଓ ଗଦାଧର ପାତ୍ର ସଚେତନତା ରଥକୁ ଉଦଘାଟନ କରୁଛନ୍ତି ।

ମାର୍ଗଶୀର ପ୍ରଥମ ଗୁରୁବାରକୁ ରାଜ୍ୟରେ ମାଣ୍ଡିଆ ଦିବସ ଭାବେ ପାଳନ କରିବା ପାଇଁ ରାଜ୍ୟ ସରକାର ନିଷ୍ପତି ନେଇଛନ୍ତି। କନ୍ଧମାଳ ଜିଲା ଦାରିଙ୍ଗବାଡ଼ ପଥପ୍ରାନ୍ତ ସେବାକେନ୍ଦ୍ର ପରିସରରେ ମଧ୍ୟ ଏହି ଦିବସ ପାଳନ କରାଯିବାକୁ ସ୍ଥିର କରାଯାଇଛି। ବ୍ଲକର ୨୫ ପଞ୍ଚାୟତରେ ଜନସାଧାରଣଙ୍କୁ ଏ ସମ୍ପର୍କରେ ଅବଗତ କରାଯିବା ସହ ମାଣ୍ଡିଆ ପୁଷ୍ଟିକର ଖାଦ୍ୟ ବୋଲି ସଚେତନ କରାଇବା ପାଇଁ ଏକ ସଚେତନତା ରଥ ସୋମବାର ବ୍ଲକ କାର୍ଯ୍ୟାଳୟରେ ଉଦଘାଟିତ ହୋଇଛି। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ ମୁଖ୍ୟ ଅତିଥି, ସ୍ଥାନୀୟ ବିଡିଓ ଗଦାଧର ପାତ୍ର ଅନ୍ୟତମ ଅତିଥି ଭାବେ ଯୋଗଦେଇ ରଥ ଉଦଘାଟନ କରିଛନ୍ତି। ସରକାରଙ୍କ ମିଲେଟ ମିଶନ ଜରିଆରେ ଦାରିଙ୍ଗବାଡ଼ିରେ ସରକାରଙ୍କ ସହଭାଗିତା ଭାବେ ଜାଗୃତି ଏହି କ୍ଷୁଦ୍ରଦାନା ଶସ୍ୟର ପୁନରଉଦ୍ଧାର କାର୍ଯ୍ୟକୁ ସଫଳତାର ସହ କରିଆସିଛି । ମାଣ୍ଡିଆ ଚାଷରୁ କୃଷକ ଦୂରେଇ ଯାଉଥିବାବେଳେ ସରକାର ଏହାକୁ ବଞ୍ଚାଇ ରଖିବା କିଛିବର୍ଷ ହେଲା ପ୍ରୟାସ କରଛନ୍ତି। ଏବେ ସାଧାରଣ ବଣ୍ଟନ ସାମଗ୍ରୀରେ ଚାଉଳ ସହ ମାଣ୍ଡିଆକୁ ମଧ୍ୟ ଯୋଡ଼ିଛନ୍ତି। ରଥ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜାଗୃତି ସମ୍ପାଦକ କୈଳାସ ଚନ୍ଦ୍ର ଦଣ୍ଡପାଟଙ୍କ ତତ୍ତ୍ୱାବଧାନରେ ମିଲେଟ ମିଶନର ପ୍ରକଳ୍ପ ସଂଯୋଜକ ମହେନ୍ଦ୍ର କୁମାର ପରିଡ଼ା,ସହ ପ୍ରକଳ୍ପ ସଂଯୋଜକ ଦେବାନନ୍ଦ ଦାସ, ମିଲେଟ ମିଶନ ଆକାଉଣ୍ଟାଣ୍ଟ ରତିକାନ୍ତ ପଟ୍ଟନାୟକ,ସମସ୍ତ କର୍ମକର୍ତ୍ତା, କୃଷି ବିଭାଗର ଆସିଷ୍ଟାଣ୍ଟ ଟେକ୍ନିକାଲ ମ୍ୟାନେଜର ଅରୁଣ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ ।

### ଅମୃତଭଣ୍ଡା ତୋଳାକୁ ନେଇ ହଣା ଖାଇଲେ

ପୋଲସରା, (ଡି.ଏନ୍.ଏ.): ଗଞ୍ଜାମ ଜିଲା ପୋଲସରା ଥାନା ଚିରିକିପଡା ଶାସନ ଗ୍ରାମରେ ସୋମବାର ଅମୃତଭଣ୍ଡା ତୋଳାକୁ ନେଇ ଜଣଙ୍କୁ ଆକ୍ରମଣ କରାଯାଇଛି। ପଡ଼ୋଶୀଙ୍କ କାତି ଆକ୍ରମଣରେ ଚିରିକିପଡା ଶାସନର ଦାସ ନାହାକ ଗୁରୁତର ହୋଇଛନ୍ତି। ତାଙ୍କୁ ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଦାସଙ୍କ ସ୍ତ୍ରୀ ସଞ୍ଜୁ କହିବା ଅନୁସାରେ, ତାଙ୍କ ବାଡ଼ିରୁ କେହି ଅମୃତଭଣ୍ଡା ତୋଳି ନେଇଯାଇଥିଲା। ଏଥିପାଇଁ ସଞ୍ଜୁ ଗାଳି କରିଥିଲେ। ଏଥିରେ ତାଙ୍କ ପଡ଼ୋଶୀ ବ୍ୟକ୍ତି ଜଣକ ରାଗିଯାଇ ନିଶାସକ୍ତ ଅବସ୍ଥାରେ ଦାସଙ୍କୁ ହାତକୁ ଏକ କାତିରେ ହାଣିଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ଧରିବା ସହ ତଦନ୍ତ ଚଳାଇଛି। ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

# କଳିଙ୍ଗ ନୌବାଣିଜ୍ୟର ସ୍ମାରକୀ ଗୋପାଳପୁର ବନ୍ଦର

ନରସିଂହ ସାହୁ
ବ୍ରହ୍ମପୁର ଅଫିସ,୭।୧୧

କଳିଙ୍ଗ ନୌବାଣିଜ୍ୟର ପ୍ରତୀକ ବା ସ୍ମାରକୀ ଗୋପାଳପୁର ବନ୍ଦର। ଶତାଧିକ ବର୍ଷର ଇତିହାସ ଅନୁସାରେ ଦକ୍ଷିଣ ଓଡ଼ିଶାର ସାଧବ ପୁଅମାନେ ବେପାର ବଣିଜ ପାଇଁ ଇଣ୍ଡୋନେସିଆ, ଶ୍ରୀଲଙ୍କା ଓ ରେଙ୍ଗୁନ ଆଦି ସ୍ଥାନକୁ ଜାହାଜରେ ଯାଇ ପ୍ରଚୁର ଧନସମ୍ପତ୍ତି ଅର୍ଜନ କରି ନିଜ ଗାଁକୁ ଆଣୁଥିଲେ। ସେତେବେଳେ ଗୋପାଳପୁର ବେଳାଭୂମିରେ ଲାଗୁଥିଲା ଜାହାଜ। କାର୍ତ୍ତିକ ପୂର୍ଣ୍ଣିମା ଭୋର୍‌ରେ ସାଧବାଣୀମାନେ ବୋଇତ ବନ୍ଦାଣ ସହ ସାଧବମାନଙ୍କୁ ବନ୍ଦାପନା କରି ବିଦେଶ ଯାତ୍ରାର ଶୁଭ କାମନା ଜଣାଉଥିଲେ। ଜଳ ଜାହାଜ ଯିବା ଆସିବା ବେଳେ ସମୁଦ୍ର ଭିତରକୁ ଆଲୋକ ଦେଖାଇବା ନିମନ୍ତେ ବେଳାଭୂମି ପାର୍ଶ୍ୱରେ ସ୍ଥାପନ ହୋଇଥିଲା ବିରାଟ ବତୀଘର। ତାହା ଏବେ ବି ମୂକସାକ୍ଷୀ ଭାବେ ଗୋପାଳପୁରରେ ବିଦ୍ୟମାନ। ତେବେ ପୁରାତନ ବନ୍ଦରର ସତ୍ତା ହଜିଯିବା ସହ ସାଧବାଣୀ ଓ ସାଧବଙ୍କ ପ୍ରାଚୀନ ପରମ୍ପରା ଲୋପ୍ ପାଇଛି।

ତଥ୍ୟାନୁସାରେ, ବହୁ ବର୍ଷ ତଳର ଗୋପାଳପୁର ବନ୍ଦର ଧ୍ୱଂସାଭିମୁଖୀ ହେବା ପରେ ଜଳପଥରେ ଜାହାଜ ଚଳାଚଳ ବନ୍ଦ ହୋଇଯାଇଥିଲା। ଏହାର ପୁନରୁଦ୍ଧାର ଏବଂ ପ୍ରାଚୀନ ପରମ୍ପରା ବଜାୟ ରଖିବା ଲାଗି ତତ୍‌କାଳୀନ ବ୍ରିଟିଶ ସରକାରଙ୍କ ପକ୍ଷରୁ ପଦକ୍ଷେପ ନିଆଯାଇ ନ ଥିଲା। ଦେଶ ସ୍ୱାଧୀନ ପରେ ମଧ୍ୟ କଂଗ୍ରେସ ଅମଳରେ ଧ୍ୟାନ ଦିଆଯାଇ ନ ଥିଲା। ୧୯୭୭ ନିର୍ବାଚନରେ ତତ୍‌କାଳୀନ ଜନତା ପାର୍ଟି ସରକାର କେନ୍ଦ୍ର ଓ ରାଜ୍ୟରେ କ୍ଷମତାସୀନ ହେଲା। ଗଞ୍ଜାମ ଜିଲା ଆସିକା ନିର୍ବାଚନମଣ୍ଡଳୀରୁ ନିର୍ବାଚିତ ବିଧାୟକ ସ୍ୱର୍ଗତ ହରିହର ସ୍ୱାଇଁ ନୀଳମଣି ରାଉତରାୟଙ୍କ ମନ୍ତ୍ରୀ ପରିଷଦରେ ରାଷ୍ଟ୍ରମନ୍ତ୍ରୀ ହୋଇ ବାଣିଜ୍ୟ ଓ ପରିବହନ ବିଭାଗ ପାଇଥିଲେ।

ପୁରୁଣା ଇତିହାସକୁ ମନେପକାଇ ହରି ସ୍ୱାଇଁ ଗୋପାଳପୁର ବନ୍ଦରର ପୁନରୁଦ୍ଧାର ଲାଗି ଉଦ୍ୟମ ଆରମ୍ଭ କଲେ। ସେତେବେଳେ ପ୍ରଧାନମନ୍ତ୍ରୀ ମୋରାର୍‌ଜୀ ଦେଶାଇଙ୍କ ମନ୍ତ୍ରୀ ପରିଷଦରେ ଚନ୍ଦାରାମ କ୍ୟାବିନେଟରେ ସର୍ଫେସ୍ ଟ୍ରାନ୍ସପୋର୍ଟ (ବର୍ତ୍ତମାନର ରୋଡ୍ ଟ୍ରାନ୍ସପୋର୍ଟ ଆଣ୍ଡ ହାଇୱେ ମନ୍ତ୍ରଣାଳୟ)ର ମନ୍ତ୍ରୀ ହୋଇଥିଲେ। ହରି ସ୍ୱାଇଁ ତାଙ୍କୁ ଐତିହାସିକ ତଥ୍ୟ ଦେଖାଇ ଗୋପାଳପୁର ବନ୍ଦରର ପୁନଃ ନିର୍ମାଣ ଲାଗି ପ୍ରବର୍ତ୍ତାଇଥିଲେ। କେନ୍ଦ୍ରମନ୍ତ୍ରୀ ଓ ତାଙ୍କ ପରିବାରକୁ ଗୋପାଳପୁର ଆଣିବାରେ ମଧ୍ୟ ସକ୍ଷମ ହୋଇଥିଲେ। ବନ୍ଦର ପୁନଃ ନିର୍ମାଣ ପାଇଁ କେନ୍ଦ୍ରୀୟ ଅନୁମତି ପାଇବାରେ ସଫଳ ହୋଇଥିଲେ। ତେବେ ଗୋପାଳପୁର ସହରର ବେଳାଭୂମିରେ ନୂଆ ବନ୍ଦର ନିର୍ମାଣ ପରିବର୍ତ୍ତେ ଅନ୍ୟ ସ୍ଥାନରେ କରାଯିବାର ନିଷ୍ପତ୍ତି ନିଆଯାଇଥିଲା। ସେହି ପ୍ରକାରେ ଛତ୍ରପୁର ବ୍ଲକ ଆର୍ଯ୍ୟପଲ୍ଲୀକୁ ଚିହ୍ନଟ କରାଗଲା। ରାଜ୍ୟ ସରକାରଙ୍କ ବ୍ୟୟରେ ଆର୍ଯ୍ୟପଲ୍ଲୀଠାରେ କ୍ଷୁଦ୍ର ବନ୍ଦର ନିର୍ମାଣ କାର୍ଯ୍ୟ ଜନତା ପାର୍ଟି ସରକାର ସମୟରେ ଆରମ୍ଭ କରାଯାଇଥିଲା। ୮୦ ଦଶକରେ ରାଜ୍ୟରେ କଂଗ୍ରେସ ଶାସନ ହେଲା। ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଦ୍ୱିତୀୟ ପାଳି ସରକାର ବେଳେ ସାମୟିକ କ୍ଷୁଦ୍ର ବନ୍ଦର ନିର୍ମାଣ ସରିଲା। ବନ୍ଦର ନିର୍ମାଣର ମୁଖ୍ୟ ଭାବେ ସେତେବେଳେ ଇଂ. ଦୁର୍ଗା ପ୍ରସାଦ ପତି ଥିଲେ। ଉଦ୍‌ଘାଟନ ବେଳକୁ ସୋରଡ଼ା ବିଧାୟକ ସ୍ୱର୍ଗତ ଶରତ ପଣ୍ଡା ବାଣିଜ୍ୟ ମନ୍ତ୍ରୀ ଥିଲେ। ମୁଖ୍ୟମନ୍ତ୍ରୀ ପଟ୍ଟନାୟକଙ୍କ ଦ୍ୱାରା ବନ୍ଦର ଉଦ୍‌ଘାଟିତ ହୋଇଥିଲା। ରାଜ୍ୟ ରାଜକୋଷରୁ ୧୪୦ କୋଟି ଟଙ୍କା ବ୍ୟୟ ହୋଇଥିଲା। ଦେଶ ବିଦେଶରୁ ମାଲ ପରିବହନ ଓ ରପ୍ତାନି ସହ ନୌବାଣିଜ୍ୟ କାରବାର ଚାଲିଥିଲା।

୧୯୯୯ ମହାବାତ୍ୟାରେ ବନ୍ଦର ଧ୍ୱଂସ ହୋଇଗଲା ଓ ମୂଲ୍ୟବାନ୍ ସାମଗ୍ରୀ ଗୁଡ଼ିକର ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ୨୦୦୬ ପର୍ଯ୍ୟନ୍ତ ବନ୍ଦର ଅଚଳ ହୋଇଯିବାରୁ ନୌବାଣିଜ୍ୟ କାରବାର ବନ୍ଦ ରହିଥିଲା। ବିଜେଡି ଶାସନରେ ୨୦୦୬ରେ ବନ୍ଦରକୁ ଘରୋଇକରଣ ସହ ସବୁଦିନିଆ କରାଯିବା ନେଇ ଘରୋଇ ମାଲିକଙ୍କ ସହ ସରକାରଙ୍କ ଚୁକ୍ତିନାମା ହେଲା। ଘରୋଇକରଣର ୧୬ ବର୍ଷ ବିତିଛି ଏବଂ ଇତିମଧ୍ୟରେ ସବୁଦିନିଆ ବନ୍ଦର ହୋଇଥିବା କୁହାଯାଉଛି। କାର୍ତ୍ତିକ ପୂର୍ଣ୍ଣିମାରେ ବୋଇତ ବନ୍ଦାଣ ଅବସରରେ ମନେପଡୁଛି ଗୋପାଳପୁର ବନ୍ଦରର ପ୍ରାଚୀନ ଇତିହାସ।



ଗୋପାଳପୁର ବନ୍ଦରରେ ଲାଗିଥିବା ଜଳପଥ ଜାହାଜ (ଫାଇଲ ଫଟୋ)।

## ଆଜି ବୋଇତ ବନ୍ଦାଣ ଉତ୍ସବ

■ ହଜିଯାଇଛି ସାଧବାଣୀଙ୍କ ପୁରୁଣା ପରମ୍ପରା


କାର୍ତ୍ତିକ ଶେଷ ସୋମବାରରେ ନୀଳକଣ୍ଠେଶ୍ୱରଙ୍କୁ କ୍ଷୀରାଭିଷେକ କରାଯାଉଛି।


ଉଦରେଶ୍ୱର ମନ୍ଦିରରେ ମହିଳାମାନେ କେଦାର ବ୍ରତ ପାଳନ କରୁଛନ୍ତି। (ଫଟୋ: ସମୀର)

## ଜିଲାରେ ୧୪୯ ଡେଙ୍ଗୁ ରୋଗୀ

### ପାତ୍ରପୁରରେ ସର୍ବାଧିକ ୩୩

ବ୍ରହ୍ମପୁର ଅଫିସ,୭।୧୧

ଡେଙ୍ଗୁ ଜ୍ୱର ସମଗ୍ର ଜିଲାବାସୀଙ୍କ ମଧ୍ୟରେ ଏବେ ଚିନ୍ତାର କାରଣ ହୋଇଛି। ଜିଲାର ୨୧ ବ୍ଲକ ଓ ବ୍ରହ୍ମପୁର ମହାନଗର ନିଗମରେ ନଭେମ୍ବର ୭ ସୁଦ୍ଧା ୧୪୯ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଏଯାବତ୍ ପାତ୍ରପୁର ବ୍ଲକ ଅଞ୍ଚଳରେ ସର୍ବାଧିକ ୮ ଶିଶୁ ସମେତ ୩୩ ଜଣ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରଥମେ ଚିହ୍ନଟ ହୋଇଥିବା କେତେକ ରୋଗୀ ବାହାର ଜିଲା ଓ ରାଜ୍ୟରୁ ଆସିଥିଲେ। ସେବେଠାରୁ ଜିଲାରେ ଦିନକୁ ଦିନ ଡେଙ୍ଗୁଜ୍ୱର ମାଡ଼ିଚାଲିଛି। ପ୍ରତିଦିନ କିଛି ନା କିଛି ପଜିଟିଭ୍ ଚିହ୍ନଟ ହେଉଛନ୍ତି। ଜିଲାରେ ଏବେ ଡେଙ୍ଗୁ ସାଙ୍ଘାତିକ ରୂପ ନେଲାଣି। ଗତବର୍ଷ ଜିଲାରେ ୩୩୩ ଜଣ ଆକ୍ରାନ୍ତ ହୋଇଥିବା ବେଳେ ଚଳିତ ବର୍ଷ ଏବେ ସୁଦ୍ଧା ମୋଟ ୧୪୯ ରୋଗୀ ଚିହ୍ନଟ ହୋଇସାରିଲେଣି। ଜିଲାରେ ଗତ ୯ ବର୍ଷ ଭିତରେ ଜଣେ ବି ରୋଗୀଙ୍କ ମୃତ୍ୟୁ ଘଟିନାହିଁ ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ) ଡା. ଉମାଶଙ୍କର ମିଶ୍ର ସୂଚନା ଦେଇଛନ୍ତି। ଡେଙ୍ଗୁ ରୋଗୀଙ୍କ ଚିକିତ୍ସା ପାଇଁ ଏମ୍‌କେସିଜି ମେଡିକାଲ କାଜୁଆଲିଟି ପ୍ରଥମ ମହଲାର ସ୍ୱତନ୍ତ୍ର ୱାର୍ଡ଼ ଅଗଷ୍ଟ ୧୭ରୁ କାର୍ଯ୍ୟକ୍ଷମ ରହିଛି। ସେଠାରେ ଡାକ୍ତରୀ ଦଳ ନିୟୋଜିତ ହୋଇ ଚିକିତ୍ସା କରୁଛନ୍ତି ବୋଲି ସିଡିଏମ୍‌ଓ ଡା. ମିଶ୍ର ସୂଚନା ଦେଇଛନ୍ତି।

## ମାଣ୍ଡିଆର ବିକାଶ ପାଇଁ ସଚେତନତା ରଥର ଶୁଭାରମ୍ଭ

ଜି.ଉଦୟଗିରି, ୭।୧୧: କନ୍ଧମାଳ ଜିଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଜନବିକାଶ ସହାୟତାରେ ମାଣ୍ଡିଆ ଦିବସ ଉପଲକ୍ଷେ ସୋମବାର ଏକ ସଚେତନତା ରଥ ବାହାରିଛି। ଓଡ଼ିଶା ମିଲେଟ୍ ମିଶନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧକ୍ଷା ସୁଷମା ପ୍ରଧାନ ଯୋଗଦେଇ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲା କୃଷି ଅଧିକାରୀ ବସନ୍ତ କୁମାର ପାଣିଗ୍ରାହୀ, ଗୋଷ୍ଠୀ କୃଷି ଅଧିକାରୀ ଜ୍ୟୋତି ରଞ୍ଜନ ପ୍ରଧାନ, କୃଷି ଅଧିଦର୍ଶକ କାଳୀଚରଣ ସାହୁ ଉପସ୍ଥିତ ଥିବା ବେଳେ ଉକ୍ତ ରଥ ସ୍ଥାନୀୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରୁ ବାହାରି ୧୦ ତାରିଖ ସୁଦ୍ଧା ୮ଟି ପଞ୍ଚାୟତ ଓ ଏନ୍ଏସିରେ ସଚେତନ କରିବା ନେଇ ସମ୍ପାଦକ ମଦନ ସୁଆଲସିଂ ସୂଚନା ଦେଇଛନ୍ତି। ସଙ୍ଗଠନ ସହ ସମ୍ପାଦକ ତ୍ରିନାଥ କହଁର, ବ୍ଲକ ସଂଯୋଜକ ଅରୁଣ ନାୟକ, ବ୍ଲକ ସହସଂଯୋଜକ ସୁଶୀଲ ମାଝି ଓ ଅନ୍ୟ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

## ବିଜିପୁର, ଆଙ୍କୋଲିରେ ଗୌରୀଆମ୍ମା ଯାତ୍ରା ଉଦ୍‌ଯାପିତ

ବ୍ରହ୍ମପୁର ଅଫିସ,୭।୧୧

ଗଞ୍ଜାମ ଜିଲା ତଥା ବ୍ରହ୍ମପୁର ସହରରେ କୁମାର ପୂର୍ଣ୍ଣିମାଠାରୁ ଆରମ୍ଭ ହୋଇ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ଗୌରୀଆମ୍ମା ଯାତ୍ରା ଚାଲିଥିଲା। ବିଜିପୁର ଓ ଆଙ୍କୋଲି ଅଞ୍ଚଳରେ ଗୌରୀଆମ୍ମା ଯାତ୍ରା ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ବିଜିପୁର ଅଞ୍ଚଳରେ ନନ୍ଦି ଉପରେ ବିରାଜମାନ ହୋଇଥିବା ମାତା ପାର୍ବତୀ ମହାଦେବ ଓ ଅଗ୍ରପୂଜ୍ୟ ଗଣେଶଙ୍କ ପୂଜାର୍ଚ୍ଚନା ହୋଇଥିଲା। ଏହାସହ ଏକ ବିରାଟ ଶୋଭାଯାତ୍ରାରେ ମାଙ୍କ ଘଟ ପରିକ୍ରମା କରାଯାଇଥିଲା। ଏହି ଶୋଭଯାତ୍ରାରେ ଶହ ଶହ ସଂଖ୍ୟାରେ ତେଲୁଗୁ ଯାଦବ ସମ୍ପ୍ରଦାୟ ଘଟ ସହ ନଗର ପରିକ୍ରମା କରିଥିଲେ। ବିଜିପୁର ଅଞ୍ଚଳ ବଡ଼ସାହି, କେନାଲ ସାହି, କାଲୁଆ ସାହି, ଲକ୍ଷ୍ମୀ ସାହି, ବନ୍ଧ ସାହି ଓ ରଥ ସାହିରେ ଘଟ ପରିକ୍ରମା ହୋଇଥିଲା। ବହୁ ମାନସିକଧାରୀ ବାଘ, ଘୋଡା, ନବଦୁର୍ଗା, କାଳୀ, ପିଶାଚ, ସାପ ସାପୁଆଣୀ ଓ ଶବର ଶବରୁଣୀ ବେଶ ଶୋଭାଯାତ୍ରାରେ ନୃତ୍ୟ ପରିବେଷଣ କରି ନଗର ପରିକ୍ରମାରେ ବୁଲିଥିଲେ। ମଧ୍ୟରାତ୍ରରେ ମାଁଙ୍କ ଘଟ ବିସର୍ଜନ ହୋଇଥିଲା। ସେପହିରି ଆଙ୍କୋଲିରେ ମଧ୍ୟ ତେଲୁଗୁ ରେଡ୍ଡୀ ସମ୍ପ୍ରଦାୟ ପକ୍ଷରୁ ପାଳିତ ହୋଉଥିବା ଗୌରୀଆମ୍ମା ଯାତ୍ରା ଭସାଣୀ ଅନୁଷ୍ଠିତ ହୋଇଯାଇଛି।


ବିଜିପୁର ଗୌରୀଆମ୍ମା ଯାତ୍ରାରେ ଘଟ ପରିକ୍ରମା।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
bmpselfie@gmail.com


@ ଅନିଲ


@ ନାରାୟଣ


@ କାହ୍ନା


@ ଚିନ୍ମୟୀ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ପଶ୍ଚିମ ଓଡ଼ିଶା ନୃତ୍ୟ ସଂଗୀତ ଉତ୍ସବ ରଙ୍ଗବତୀ ଉଦ୍‌ଯାପିତ

ବ୍ରହ୍ମପୁର ଅଫିସ,୭।୧୧

ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଂଗୀତ ନାଟକ ଏକାଡେମୀ ଓ ଗଞ୍ଜାମ ଜିଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ରବିବାର ବିଜୁ ପଟ୍ଟନାୟକ ସଂସ୍କୃତି ଭବନଠାରେ ପଶ୍ଚିମ ଓଡ଼ିଶା ନୃତ୍ୟ ସଂଗୀତ ଉତ୍ସବ ରଙ୍ଗବତୀ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଡା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଏଭଳି ଉତ୍ସବ ଆୟୋଜନକୁ ପ୍ରଶଂସା କରିଥିଲେ। ରାଜ୍ୟ କାଜୁ ନିଗମ ଅଧକ୍ଷ ସୁବାସ ମହାରଣା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସଂଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ ଅଧକ୍ଷତା କରିଥିଲେ। ସଂଗୀତ ନାଟକ ଏକାଡେମୀର ସଦସ୍ୟ ଅନିଲ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ରାଉରକେଲା କଣ୍ଠଶିଳ୍ପୀ ରମେଶ ସୁନା ସମ୍ବଲପୁରୀ ସଂଗୀତ ପରିବେଷଣ କରିଥିଲେ। ବରଗଡ଼ର ରମେଶ ଗୁର୍ଲା ଓ ସାଥୀ, ସମ୍ବଲପୁରର ରତନ ପୂଜାରୀ ଓ ସାଥୀ, ବରଗଡ଼ର ଦେବରାଜ ଛତ୍ରିଆ ଓ ସାଥୀ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ଡ. ମିହିର କୁମାର ତ୍ରିପାଠୀ ଉପସ୍ଥାପନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୈଳାସ ପାଣିଗ୍ରାହୀ, ଭାବଗ୍ରାହୀ ପାଳ, ସତ୍ୟବ୍ରତ ଦାସ ଓ ସୁନୀଲ ସ୍ୱାଇଁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।


ଉଦ୍‌ଯାପନୀ ସନ୍ଧ୍ୟାରେ ଉପସ୍ଥିତ ଅତିଥି ।

## ସ୍କାଉଟ ଓ ଗାଇଡସ୍ ଦିବସ ପାଳିତ

ବ୍ରହ୍ମପୁର ଅଫିସ,୭।୧୧

୧୯୫୦ ନଭେମ୍ବର ୭ରେ ସ୍କାଉଟ ଓ ଗାଇଡ୍ ସଂଗଠନ ଗଠନ ହୋଇଥିଲା। ଏହି ପରିପ୍ରେକ୍ଷୀରେ ହିଲପାଟଣା ସ୍ଥିତ ମାତୃଶ୍ରୀ ଆଙ୍ଗଲୋବେଦିକ ସ୍କୁଲରେ ସୋମବାର ସ୍କାଉଟ ଓ ଗାଇଡ଼ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହା ସ୍କାଉଟ ଓ ଗାଇଡସ୍‌ର ଜିଲା ସମ୍ପାଦକ ଭୀମରାଓ ସ୍ୱାଇଁଙ୍କ ସହଯୋଗରେ ପାଳିତ ହୋଇଥିଲା। କାର୍ଯ୍ୟକ୍ରମକୁ ଜିଲା କମିଶନର ରାମହରି ସାହୁ ସଂଯୋଜନା କରିଥିଲେ। ସଂଗଠନର କମିଶନର ଲକ୍ଷ୍ମୀନାରାୟଣ ପଣ୍ଡା ଓ ସ୍ୱପ୍ନାରାଣୀ ପାଣିଗ୍ରାହୀ ପରିଚାଳନା କରିଥିଲେ। ଏହି ଅବସରରେ ଜିଲା ସ୍କାଉଟସ୍ ଓ ଗାଇଡସ୍ ପକ୍ଷରୁ ସର୍ବଧର୍ମ ପ୍ରାର୍ଥନା, ଶାନ୍ତି ପଦଯାତ୍ରା, ପତକା ଉତ୍ତୋଳନ ଓ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ରହ୍ମପୁର ସହର ତଥା ଜିଲାର ବିଭିନ୍ନ ବିଦ୍ୟାଳୟର ସ୍କାଉଟସ୍ ଓ ଗାଇଡ୍ କ୍ୟାପ୍‌ଟେନମାନେ ଯୋଗ ଦେଇଥିଲେ। ସ୍ୱେଚ୍ଛାସେବୀମାନେ ଶାନ୍ତିପଦଯାତ୍ରାରେ ହିଲପାଟଣା ଓ ବିଜିପୁର ଅଞ୍ଚଳ ପରିକ୍ରମା କରିଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାୟ ୧୫୦ ରୁ ଊର୍ଦ୍ଧ୍ୱ ସ୍କାଉଟ ଓ ଗାଇଡ୍ ଯୋଗ ଦେଇଥିଲେ। ବିଦ୍ୟାଳୟର ସ୍କାଉଟ ମାଷ୍ଟର ସୁରେଶ ଚନ୍ଦ୍ର ପାଢ଼ୀଙ୍କ ସମେତ ବହୁ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ସହଯୋଗ କରିଥିଲେ।

## ୨୯, ୩୨ ନଂ. ୱାର୍ଡରେ ବିଜେଡିର ଜନ ସମ୍ପର୍କ ପଦଯାତ୍ରା

ବ୍ରହ୍ମପୁର ଅଫିସ,୭।୧୧

ବ୍ରହ୍ମପୁରରେ ସୋମବାର ସନ୍ଧ୍ୟାରେ ୨୯ ଓ ୩୨ ନଂ. ୱାର୍ଡରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସିଦ୍ଧ ବିନାୟକ ପୀଠ ପାଖରୁ ୨୯ ନଂ. ୱାର୍ଡ କର୍ପୋରେଟର ସଞ୍ଜିତ ପାଣିଗ୍ରାହୀଙ୍କ ନେତୃତ୍ୱରେ ବାହାରିଥିବା ପଦଯାତ୍ରା ହିଲ୍‌ପାଟଣା, ସୁବାରାଓ ଛକ ଅଞ୍ଚଳ ପରିକ୍ରମା କରିଥିଲା। ସେହିପରି ୩୨ ନଂ. ୱାର୍ଡ କର୍ପୋରେଟର ସୁରେନ୍ଦ୍ର ମହାରଣାଙ୍କ ନେତୃତ୍ୱରେ ହୋଇଥିବା ଜନସମ୍ପର୍କ ପଦଯାତ୍ରା କମାପଲ୍ଲୀ, ଅଶୋକନଗର ଓ ସମବାୟ କଲୋନୀ ଅଞ୍ଚଳର ସବୁ ସାହି ବସ୍ତି ପରିକ୍ରମା କରିଥିଲା। ଉଭୟ କାର୍ଯ୍ୟକ୍ରମରେ ଏମ୍‌ପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ ପଣ୍ଡା, ବିଜେଡି ଜିଲା ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ମେୟର ସଂଘମିତ୍ରା ଦଳେଇ, ରାଜ୍ୟ କାଜୁ ଉନ୍ନୟନ ନିଗମ ଅଧକ୍ଷ ସୁବାସ ମହାରଣା, ପୂର୍ବତନ ବିଧାୟକ ଶିବ ଶଙ୍କର ସାହାଣୀଙ୍କ ସମେତ ଦଳର ଶତାଧିକ ନେତା ଓ କର୍ମୀ ସାମିଲ ଥିଲେ।

## ଏମ୍‌କେସିଜି ନର୍ସିଂ ଅଫିସର ଶିବାନୀଙ୍କୁ ଫ୍ଲୋରେନ୍ସ ନାଇଟଙ୍ଗେଲ ଉପାଧି

ବ୍ରହ୍ମପୁର ଅଫିସ,୭।୧୧

ରୋଗୀସେବା କ୍ଷେତ୍ରରେ ବହୁମୂଲ୍ୟ ଅବଦାନ ଓ ସ୍ୱୀକୃତି ସ୍ୱରୂପ ଭାରତୀୟ ନର୍ସିଂ ପରିଷଦ ପକ୍ଷରୁ ଜାତୀୟ ଫ୍ଲୋରେନ୍ସ ନାଇଟଙ୍ଗେଲ ପାଇଁ ଏମ୍‌କେସିଜି ମେଡିକାଲ ନର୍ସିଂ ଅଫିସର ଶିବାନୀ ଦାଶଙ୍କ ନାମ ସୁପାରିସ କରାଯାଇଥିଲା। ସୋମବାର ଶିବାନୀଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନୂଆଦିଲ୍ଲୀ ରାଷ୍ଟ୍ରପତି ଭବନରେ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ପୁରସ୍କାର ଗ୍ରହଣ କରିବା ପରେ ଶିବାନୀ କହିଛନ୍ତି, ପୁରସ୍କାର ପାଇ ମୁଁ ଗର୍ବିତ। ମୁଁ ପ୍ରଥମେ ମୋର ବାପା ମାଆଙ୍କଠାରୁ ନିଃସ୍ୱାର୍ଥପର ରୋଗୀ ସେବା ପାଇଁ ଅନୁପ୍ରାଣିତ ହୋଇଥିଲି ଓ ପରେ କଲିକତାର ଏକ ଘରୋଇ ହସ୍ପିଟାଲରେ ଉତ୍ସର୍ଗୀକୃତ ରୋଗୀସେବା ସମ୍ପର୍କରେ ଅଧିକ ଜ୍ଞାନକୌଶଳ ଅର୍ଜନ କରିଥିଲି। ମୁଁ ବଞ୍ଚିଥିବା ଯାଏ ରୋଗୀସେବା କରି ଆସୁଥିବି । ପ୍ରକାଶଯେ, ଶିବାନୀ ଅବିବାହିତା। ବୟସ ୫୦ ଟପିଲାଣି। କିନ୍ତୁ ସେ ନିଜର ଅଦମ୍ୟ ମନୋବଳ ଓ ଉତ୍ସାହରେ ସ୍ୱାସ୍ଥ୍ୟସେବା ଯୋଗାଇ ଦେଇ ଆସୁଛନ୍ତି। ଶିବାନୀ ୨୦୦୭ରୁ ଏମ୍‌କେସିଜି ମେଡିକାଲରେ ନର୍ସ ଭାବେ କାର୍ଯ୍ୟ କରୁଛନ୍ତି। ତାଙ୍କ ନିଜ ଘର ଯାଜପୁର ଜିଲା ଦଶରଥପୁର ବ୍ଲକ ଆସନପୁର ପଞ୍ଚାୟତ କଣ୍ଟାବଣିଆ। ତାଙ୍କ ବାପାଙ୍କ ନାମ ସ୍ୱର୍ଗତ ରବି ନାରାୟଣ ଦାଶ ଓ ମାଆଙ୍କ ନାମ ସ୍ୱର୍ଗତ ବିଷ୍ଣୁପ୍ରିୟା ଦାଶ। ଶିବାନୀ ୧୯୯୭ ଅଗଷ୍ଟରୁ କଲିକତାର ଉଡ୍‌ଲେଣ୍ଡ ହସ୍ପିଟାଲରେ ସେବିକା ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ପରେ ୨୦୦୭ରେ ସେ ଏମ୍‌କେସିଜି ମେଡିକାଲରେ ନିଯୁକ୍ତି ପାଇଥିଲେ।

୨୦୨୧ ବର୍ଷ ପାଇଁ ଏମ୍‌କେସିଜି କର୍ତ୍ତୃପକ୍ଷ ୫ ଜଣ ନର୍ସଙ୍କ ନାଁ ସୁପାରିସ କରିଥିଲେ। ସେହି ୫ ଜଣଙ୍କ ଭିତରେ ଶିବାନୀଙ୍କ ନାମ ରହିଥିଲା।


ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ଶିବାନୀ ।

